# NATIONAL NEWS BULLETIN (ODIA)

**26 October - 2024**

**Morning Bulletin : 7.15 a.m.**

*******************************

## ମୁଖ୍ୟ ସମ୍ବାଦ

- ୟୁକ୍ରେନ୍ ଯୁଦ୍ଧ ସମେତ ବିଶ୍ୱବ୍ୟାପୀ ଦେଖାଦେଇଥିବା ଅମାନବିକ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କଲେ ଭାରତ ଓ ଜର୍ମାନ ।
- ପୂର୍ବ ଲଦାଖର ଡେପ୍‌ସାଙ୍ଗ୍ ଓ ଡେମ୍‌ଚକ୍ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ କଲେ ଭାରତ ଓ ଚୀନ୍ ।
- ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ ଋଣ ସୀମାକୁ  ୨୦ଲକ୍ଷ ଟଙ୍କାକୁ ବୃଦ୍ଧି କଲେ କେନ୍ଦ୍ର ସରକାର
- ବିଚାର ବିଭାଗ ସମେତ ଅନ୍ୟାନ୍ୟ କାର୍ଯ୍ୟସ୍ଥଳୀରେ ମହିଳାମାନଙ୍କର ଅଧିକରୁ ଅଧିକ ଅଂଶଗ୍ରହଣ ଉପରେ ପ୍ରଧାନ ବିଚାରପତିଙ୍କ ଗୁରୁତ୍ୱ

ଏବଂ

- ସାଇବର କ୍ଷେତ୍ରରେ ଏକ ସୁରକ୍ଷିତ ଓ ନିରନ୍ତର ସହଯୋଗ ଲାଗି ଭାରତ ଓ ଇଟାଲୀ ସହମତ ।

## ଇଣ୍ଡିଆ ଷ୍ଟେଟ୍‌ମେଣ୍ଟ

ୟୁକ୍ରେନ୍ ଯୁଦ୍ଧ ସମେତ ବିଶ୍ୱବ୍ୟାପୀ ଦେଖାଦେଇଥିବା ଅମାନବିକ ଘଟଣାକୁ ନେଇ ଉଭୟ ଭାରତ ଓ ଜର୍ମାନ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ।  ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ସପ୍ତମ ଭାରତ-ଜର୍ମାନୀ

ପରାମର୍ଶ ବୈଠକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଭାରତ ଗସ୍ତରେ ଆସିଥିବା ଜର୍ମାନ ଚାନ୍ସେଲର ଓଲାଫ୍ ସୋଲ୍ଜ ଏକ ମିଳିତ ବିବୃତିରେ ଏହା କହିଛନ୍ତି ।  ଆନ୍ତର୍ଜାତିକ ନିୟମ ଅନୁଯାୟୀ ବିଶ୍ୱରେ ନିରନ୍ତର ଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରଚେଷ୍ଟା ଜାରି ରଖିବାକୁ ଉଭୟ ନେତା ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ୟୁକ୍ରେନ୍ ଯୁଦ୍ଧ ଦ୍ୱାରା ବିଶ୍ୱବ୍ୟାପୀ ଖାଦ୍ୟ ଏବଂ ଶକ୍ତିସୁରକ୍ଷା କ୍ଷେତ୍ର ବିଶେଷ ପ୍ରଭାବିତ ହୋଇଛି ବୋଲି ଉଭୟ ନେତା ସହମତ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଣବିକ ଅସ୍ତ୍ରଶସ୍ତ୍ରର ବ୍ୟବହାରର ଧମକକୁ କୌଣସି ପ୍ରକାରେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏହି ମିଳିତ ବିବୃତିରେ ଉଭୟ ନେତା ସନ୍ତ୍ରାସବାଦ ଓ ଉଗ୍ରବାଦ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିବା ସହିତ ଏହା ବିରୁଦ୍ଧରେ ମିଳିତ ପ୍ରୟାସ କରିବାକୁ  ସମଗ୍ର ବିଶ୍ୱକୁ ଆହ୍ୱାନ ଦେଇଛନ୍ତି ।

ପଶ୍ଚିମ ଏସିଆ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ଉଭୟ ନେତା ନିଜର ଆଗ୍ରହ ପ୍ରକାଶ କରିଥିବା ବେଳେ ଗତବର୍ଷ ଅକ୍ଟୋବର ୭ ତାରିଖରେ ପାଲେଷ୍ଟାଇନର ହମାସ୍ ଦ୍ୱାରା ହୋଇଥିବା ସନ୍ତ୍ରାସବାଦ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି । ଏହାଦ୍ୱାରା ଅନେକ ସାଧାରଣ ନାଗରିକଙ୍କର ଜୀବନହାନୀ ହେବା ସହିତ ଗାଜାରେ ମାନବୀୟ ଦୁର୍ଦ୍ଦଶା ଲାଗି ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସେଠାରେ ତୁରନ୍ତ ଯୁଦ୍ଧ ବିରତି ସହ ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବା ଲାଗି ଉଭୟ ନେତା ଆହ୍ୱାନ ଦେଇଛନ୍ତି ।

ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳର ସମୃଦ୍ଧି ଓ ସୁରକ୍ଷା ସହିତ ବିଭିନ୍ନ ବୈଶ୍ୱିକ ଆହ୍ୱାନ ମୁକାବିଲା ଉପରେ ମଧ୍ୟ ଭାରତ -ଜର୍ମାନ ଏହି ମିଳିତ ବିବୃତ୍ତିରେ ଗୁରୁତ୍ୱାରୋପ କରିଛନ୍ତି ।

## ଇଣ୍ଡିଆ-ଚୀନ୍

ଭାରତ ଓ ଚୀନ୍ ପୂର୍ବ ଲଦାଖର ଡେପ୍‌ସାଙ୍ଗ୍ ଓ ଡେମ୍‌ଚକ୍ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ କରିଛନ୍ତି । ପ୍ରାୟ ସାଢ଼େ ୪ ବର୍ଷ ପରେ ବାସ୍ତବ ନିୟନ୍ତ୍ରଣରେଖା ନିକଟରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି । ସେନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ସଂପୃକ୍ତ ଅଞ୍ଚଳରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ । ଏଥିସହିତ ଚଳିତମାସ ଶେଷ ସୁଦ୍ଧା ସୀମା ନିକଟରେ ପାଟ୍ରୋଲିଂ ବ୍ୟବସ୍ଥା ମଧ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ । ନିକଟ ଅତୀତରେ ପୂର୍ବ ଲଦାଖସ୍ଥିତ ବାସ୍ତବ ନିୟନ୍ତ୍ରଣରେଖା ନିକଟରେ ପାଟ୍ରୋଲିଂ ବ୍ୟବସ୍ଥା ଉପରେ  ଭାରତ ଓ ଚୀନ୍ ମଧ୍ୟରେ  ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି । ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି ୨୦୨୦ ଏପ୍ରିଲ୍ ମାସରୁ ଦୁଇଦେଶ ମଧ୍ୟରେ ସଂପୃକ୍ତ ସ୍ଥାନରେ ଉପୁଜିଥିବା ବିବାଦ ତଥା ଉତ୍ତେଜନା ଏହି ରାଜିନାମା ଦ୍ୱାରା ପ୍ରଶମିତ ହୋଇପାରିଛି ।

## ମୁଦ୍ରା ଯୋଜନା

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ ଋଣ ସୀମାକୁ କେନ୍ଦ୍ର ସରକାର ୨୦ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହି ପରିମାଣ ୧୦ଲକ୍ଷ ଟଙ୍କା ଥିଲା । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪ -୨୫ ଆର୍ଥିକବର୍ଷ ଲାଗି ସଂସଦରେ ଗତ ଜୁଲାଇ ୨୩ ତାରିଖରେ ବଜେଟ ଉପସ୍ଥାପନ କରିବା ସମୟରେ ଏହି

ସୂଚନା ଦେଇଥିଲେ । ସରକାର ବର୍ତ୍ତମାନ ଏହାକୁ କାର୍ଯ୍ୟକାରୀ କରିଛନ୍ତି । ଏହାଦ୍ୱାରା ଉଦ୍ୟୋଗୀମାନେ ବିଶେଷ ଲାଭବାନ ହେବା ସହିତ ସେମାନଙ୍କର ଅଭିବୃଦ୍ଧି ଓ ସଂପ୍ରସାରଣ ସୁଗମ ହୋଇପାରିବ । ଏକ ସୁଦୃଢ଼ ଉଦ୍ୟୋଗୀ ଇକୋ ସିଷ୍ଟମକୁ ପ୍ରୋତ୍ସାହିତ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ସ୍ୱରୂପ ଏହି ପଦକ୍ଷେପ ନିଆଯାଇଛି । ଏ ସଂକ୍ରାନ୍ତରେ ଜାରି ବିଜ୍ଞପ୍ତି ଅନୁଯାୟୀ ତରୁଣ ପ୍ଲସ୍ ର ନୂଆ ବର୍ଗରେ ୧୦ଲକ୍ଷ ଟଙ୍କାରୁ ଅଧିକ ଏବଂ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଇ ପାରିବ । ତରୁଣ ବର୍ଗ ଅଧୀନରେ ପୂର୍ବ ଋଣକୁ ସଫଳତାର ସହ ପରିଶୋଧ କରିଥିବା ଉଦ୍ୟୋଗୀମାନଙ୍କ ଲାଗି ଏହା ଉପଲବଧ ହେବ ବୋଲି ଏହି ବିଜ୍ଞପ୍ତିରେ କୁହାଯାଇଛି ।

## ସିଜେଆଇ-ଏୟାର୍

ଦେଶର ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ ବିଚାର ବିଭାଗ ସମେତ ଅନ୍ୟାନ୍ୟ କାର୍ଯ୍ୟସ୍ଥଳୀରେ ମହିଳାମାନଙ୍କର ଅଧିକରୁ ଅଧିକ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ଆକାଶବାଣୀ ସମ୍ବାଦ ବିଭାଗ ସହିତ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ସେ ଏହା କହିଛନ୍ତି । ବିଚାରପତି ଚନ୍ଦ୍ରଚୂଡ଼ କହିଛନ୍ତି ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ବହୁଳ ପ୍ରତିନିଧିତ୍ୱ ଦ୍ୱାରା ବିବିଧ ଦୃଷ୍ଟିକୋଣରୁ ବିଚାର କରି ନିଷ୍ପତ୍ତି ନେବା ପ୍ରକ୍ରିୟା ଅଧିକ ସଶକ୍ତ ହୋଇପାରିବ । ଦେଶବ୍ୟାପୀ ଜିଲ୍ଲାସ୍ତରରେ ବିଚାର ବିଭାଗ ପରୀକ୍ଷା ମାଧ୍ୟମରେ ହେଉଥିବା ନିଯୁକ୍ତି ପ୍ରକ୍ରିୟାରେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ମହିଳା ସଫଳ ହେଉଛନ୍ତି । ଏହାଦ୍ୱାରା ଭବିଷ୍ୟତରେ ବିଚାର ବିଭାଗର ଉଚ୍ଚପଦବୀରେ ମହିଳାମାନଙ୍କର ପ୍ରବେଶ ଲାଗି ପଥ ପରିଷ୍କାର ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ପ୍ରଧାନବିଚାରପତିଙ୍କର ଏହି ସାକ୍ଷାତକାର ଗତକାଲି ଆକାଶବାଣୀରେ ପ୍ରସାରିତ ହୋଇଛି । ଏହା ୟୁଟ୍ୟୁବ୍ ଚ୍ୟାନେଲ୍ air

news official ଏବଂ news on air.gov.in ୱେବ୍‌ସାଇଟ୍ ସମେତ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମରେ ଉପଲବ୍ଧ ହେଉଛି ।

## ଇଣ୍ଡିଆ-ଇଟାଲୀ

ସାଇବର କ୍ଷେତ୍ରରେ ଏକ ସୁରକ୍ଷିତ ଓ ନିରନ୍ତର ସହଯୋଗ ବୃଦ୍ଧି ଲାଗି ଉଭୟ ଭାରତ ଓ ଇଟାଲୀ ସମ୍ମତି ପ୍ରଦାନ କରିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ଦୁଇଦେଶ ମଧ୍ୟରେ ଅନୁଷ୍ଠିତ ସାଇବର ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଏହି ମତ ପ୍ରକାଶ ପାଇଛି । ଉଭୟ ଦେଶ ସାଇବର କ୍ଷେତ୍ରରେ କ୍ଷମତା ବୃଦ୍ଧି ଏବଂ ସ୍ୱର୍ଶକାତର ସୂଚନାର ସୁରକ୍ଷା ସମେତ ବିଭିନ୍ନ ଆହ୍ୱାନର ସଫଳ ମୁକାବିଲା ଦିଗରେ ଆଲୋଚନା କରିଛନ୍ତି । ଏହି ବୈଠକରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସାଇବର କୂଟନୀତି ବିଭାଗର ଯୁଗ୍ମ ସଚିବ ଅମିତ ଶୁକ୍ଲା ଭାରତୀୟ ଦଳର ନେତୃତ୍ୱ ନେଇଥିଲେ । ଗତବର୍ଷ ମାର୍ଚ୍ଚ ମାସରେ ଇଟାଲୀ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ସାଇବର କ୍ଷେତ୍ରରେ ଦ୍ୱିପକ୍ଷୀୟ ସହଯୋଗକୁ ବୃଦ୍ଧି କରିବା ଦିଗରେ ହୋଇଥିବା ନିଷ୍ପତ୍ତି ପରେ ଏ ଦିଗରେ ଏପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପକୁ ଏହି ବୈଠକରେ ସମୀକ୍ଷା କରାଯାଇଛି ।

## ଜୟଶଙ୍କର-ଜର୍ମାନ ଏଫ୍‌ଏମ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଗତକାଲି ନୂଆଦିଲ୍ଲୀରେ ତାଙ୍କର ଜର୍ମାନ ପ୍ରତିପକ୍ଷ ଆନ୍ନାଲେନା ବେରବକ୍‌ଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷୀୟ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସଂପର୍କରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ସମସ୍ୟାର ସମାଧାନ ଉପରେ ସେମାନେ ଗୁରୁତ୍ୱ

ଦେଇ ଆଲୋଚନା କରିଛନ୍ତି । ଭାରତ- ଜର୍ମାନୀ ରଣନୈତିକ ଭାଗିଦାରୀକୁ ୨୫ ବର୍ଷ ପୂରିଛି ବୋଲି ସେ କହିଛନ୍ତି । ଏତଦ୍‌ବ୍ୟତୀତ ଡକ୍ଟର ଜୟଶଙ୍କର ଜର୍ମାନର ଭାଇସ୍ ଚାନ୍‌ସେଲର ତଥା ଅର୍ଥନୀତି ବ୍ୟାପାର ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ରବର୍ଟ ହାବେକ୍ ଙ୍କ ସହିତ ମଧ୍ୟ ବିଭିନ୍ନ ଅର୍ଥନୈତିକ, ରଣନୀତିକ ଓ ବିଶ୍ୱସ୍ତରୀୟ ସମସ୍ୟା ଉପରେ ଆଲୋଚନା କରିଛନ୍ତି ବୋଲି ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

## ଝାଡ଼ଖଣ୍ଡ ନୋମିନେସନ

ଝାଡ଼ଖଣ୍ଡ ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ମୋଟ୍ ୧ ହଜାର ୬୦୯ଟି ମନୋନୟନପତ୍ର ଦାଖଲ ହୋଇଛି । ଗତକାଲି ଏହି ପର୍ଯ୍ୟାୟ ଲାଗି ମନୋନୟନପତ୍ର ଦାଖଲର ଶେଷ ଦିବସ ଥିଲା । ଆସନ୍ତା ୨୮ ତାରିଖ ଦିନ ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ କରାଯିବ ଏବଂ ୩୦ ତାରିଖ ହେଉଛି ମନୋନୟନପତ୍ର ପ୍ରତ୍ୟାହାରର ଶେଷଦିବସ । ବରକଠା ବିଧାନସଭା ଆସନ ଲାଗି ସର୍ବାଧିକ ୭୦ଟି ମନୋନୟନପତ୍ର ଦାଖଲ କରାଯାଇଛି । ଆସନ୍ତା ମାସ ୧୩ ତାରିଖ ଦିନ ପ୍ରଥମ ପର୍ଯ୍ୟାୟରେ ୪୩ଟି ବିଧାନସଭା ଆସନ ଲାଗି ଭୋଟ୍ ଗ୍ରହଣ କରାଯିବ । ଦୁଇଟି ପର୍ଯ୍ୟାୟରେ ଝାଡ଼ଖଣ୍ଡ ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେଉଛି । ଦ୍ୱିତୀୟ ପର୍ଯ୍ୟାୟରେ ନଭେମ୍ବର ୨୦ ତାରିଖ ଦିନ ବାକି ଆସନ ଲାଗି ମତଦାନ କରାଯିବ ।

ଇତିମଧ୍ୟରେ ରାଜ୍ୟର ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ଗତକାଲି ସୁଦ୍ଧା ବିଭିନ୍ନ ସ୍ଥାନରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଯାଞ୍ଚ କରାଯାଇ ୫୧ କୋଟିରୁ ଉର୍ଦ୍ଧ୍ୱ ନଗଦ ଅର୍ଥ  ସହିତ ଅନେକ ଆପତ୍ତିଜନକ

ଜିନିଷ ଜବତ କରାଯାଇଛି । ଏତଦ୍‌ବ୍ୟତୀତ ଆଦର୍ଶ ନିର୍ବାଚନ ବିଧି ଉଲ୍ଲଂଘନ ଅଭିଯୋଗରେ ୧୬ଟି ଏଫ୍‌ଆଇଆର ଦାଖଲ ହୋଇଥିବା ଜଣାଯାଇଛି ।

# କ୍ରିକେଟ୍

ପୁଣେରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନରେ ଆଜି ନ୍ୟୁଜିଲ୍ୟାଣ୍ଡ ଦ୍ୱିତୀୟ ଇନିଂସ୍‌ରେ ଗତକାଲିର ସ୍କୋର  ୫ ଓ୍ୱିକେଟ୍ ବିନିମୟରେ ୧୯୮ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ ।   ଗତକାଲି ଖେଳ ଶେଷ ବେଳକୁ ଗ୍ଲେନ୍ ଫିଲିପ୍ସ ୨୯ଟି ବଲ୍‌ରୁ ୯ ରନ୍ ଏବଂ ଟମ୍ ବ୍ଲଣ୍ଡେଲ୍ ୩୦ ରନ୍ କରି ଅପରାଜିତ ଥିଲେ । ବର୍ତ୍ତମାନ ସୁଦ୍ଧା ନ୍ୟୁଜିଲ୍ୟାଣ୍ଡ ଏହି ମ୍ୟାଚ୍‌ରେ ଭାରତଠାରୁ ୩୦୧ ରନ୍‌ରେ ଆଗୁଆ ରହିଛି ।

ଭାରତ ତାର ପ୍ରଥମ ଇନିଂସରେ ୧୫୬ରନ୍ କରିବାକୁ ସକ୍ଷମ ହୋଇଥିଲା । ନ୍ୟୁଜିଲାଣ୍ଡ ପକ୍ଷରୁ ସ୍ପିନ୍ ବୋଲର ମିଚେଲ୍ ସାଣ୍ଟେନର୍ ୭ଟି ଓ୍ୱିକେଟ୍ ହାସଲ କରି ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ । ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୨୫୯ରନ୍ ସଂଗ୍ରହ କରିଥିଲା । ଫଳରେ ୧୦୩ରନ୍‌ର ଅଗ୍ରଣୀ ସହ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିଲା । ଏହି ତିନିଟିକିଆ ସିରିଜ୍‌ରେ ନ୍ୟୁଜିଲାଣ୍ଡ ବେଙ୍ଗାଲୁରୁ ଟେଷ୍ଟକୁ ୮ ଓ୍ୱିକେଟ୍‌ରେ ଜିତି ୧-୦ରେ ଆଗୁଆ ରହିଛି ।

# ପିଏମ୍ କଣ୍ଡୋଲେନ୍ସ

ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ରୋହିଣୀ ଗଡବୋଲେଙ୍କ ଦେହାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିଛନ୍ତି । ତାଙ୍କର ନବସୃଜନତା ଏବଂ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଅବଦାନ ଲାଗି ପ୍ରଶଂସା କରିବା ସହିତ ଏହା

ଆଗାମୀ ପିଢ଼ିକୁ ପ୍ରେରଣା ଓ ମାର୍ଗଦର୍ଶନ କରିବ ବୋଲି ଶ୍ରୀ ମୋଦୀ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ।

## କ୍ରିକେଟ୍

ପୁଣେରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନରେ ଆଜି ନ୍ୟୁଜିଲ୍ୟାଣ୍ଡ ଦ୍ୱିତୀୟ ଇନିଂସ୍‌ରେ ଗତକାଲିର ସ୍କୋର  ୫ ଓ୍ୱିକେଟ୍ ବିନିମୟରେ ୧୯୮ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ ।  ଗତକାଲି ଖେଳ ଶେଷ ବେଳକୁ ଗ୍ଲେନ୍ ଫିଲିପ୍ସ ୨୯ଟି ବଲ୍‌ରୁ ୯ ରନ୍ ଏବଂ ଟମ୍ ବ୍ଲଣ୍ଡେଲ୍ ୩୦ ରନ୍ କରି ଅପରାଜିତ ଥିଲେ । ବର୍ତ୍ତମାନ ସୁଦ୍ଧା ନ୍ୟୁଜିଲ୍ୟାଣ୍ଡ ଏହି ମ୍ୟାଚ୍‌ରେ ଭାରତଠାରୁ ୩୦୧ ରନ୍‌ରେ ଆଗୁଆ ରହିଛି ।

ଭାରତ ତାର ପ୍ରଥମ ଇନିଂସରେ ୧୫୬ରନ୍ କରିବାକୁ ସକ୍ଷମ ହୋଇଥିଲା । ନ୍ୟୁଜିଲାଣ୍ଡ ପକ୍ଷରୁ ସ୍ପିନ୍ ବୋଲର ମିଚେଲ୍ ସାଣ୍ଟେନର୍ ୭ଟି ଓ୍ୱିକେଟ୍ ହାସଲ କରି ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ । ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୨୫୯ରନ୍ ସଂଗ୍ରହ କରିଥିଲା । ଫଳରେ ୧୦୩ରନ୍‌ର ଅଗ୍ରଣୀ ସହ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିଲା । ଏହି ତିନିଟିକିଆ ସିରିଜ୍‌ରେ ନ୍ୟୁଜିଲାଣ୍ଡ ବେଙ୍ଗାଲୁରୁ ଟେଷ୍ଟକୁ ୮ ଓ୍ୱିକେଟ୍‌ରେ ଜିତି ୧-୦ରେ ଆଗୁଆ ରହିଛି ।